ସ୍ତନ୍ୟପାନ

ନିରନ୍ତର ବିକାଶର ଲକ୍ଷ୍ୟ ପୁରଣ ପାଇଁ ଜରୁରୀ

ଏବର୍ଷର ବିଶ୍ୱ ସ୍ତନ୍ୟପାନ ସପ୍ତାହ ୧୭ଟି ନିରନ୍ତର ବିକାଶର ଲକ୍ଷ୍ୟ ପୂରଣରେ କେନ୍ଦ୍ରୀଭୁତ ଯାହାକି ସାରା ବିଶ୍ୱର ସମସ୍ତ ଦେଶର ସରକାର ୨୦୩୦ ସୁଦ୍ଧା ପୂରଣ କରିବା ପାଇଁ ରାଜି ହୋଇଛନ୍ତି । ଏହା ସହସ୍ରାବ୍ଦି ବିକାଶ ଲକ୍ଷ୍ୟ ଉପରେ ଆଧାରିତ । ଅନେକ ଗୁଡିଏ ପ୍ରଚଳିତ ବିଷୟ ଯଥା ପରିବେଶର ସୁରକ୍ଷା, ଆର୍ଥିକ ସ୍ଥିତିର ସୁଧାର ଏବଂ ସମାନତାକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି । ନୁଆ ନିରନ୍ତର ବିକାଶର ଲକ୍ଷ୍ୟ ରେ ଗରୀବିର ମୂଳ କାରଣକୁ ପ୍ରତିହତ କରି ସମସ୍ତଙ୍କ ପାଇଁ ସବୁଠାରେ ବିକାଶର ଆଲୋକ ଦେଖାଇ ଦେଇ ପାରିବ ବୋଲି ଉଚ୍ଚ ଆଶା ପୋଷଣ କରିଛି । ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୧୬ ରେ ନୂତନ ଭାବେ ଏକତ୍ରୀତ ହୋଇ ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଓ ସହଯୋଗ ଦିଗରେ କାମକରି କିପରିବିକାଶର ଲକ୍ଷ୍ୟ ପୂରଣ କରି ହେବ - ତାହା ଦେଖାଇ ଦେଇ ପାରିବା

ଉଦ୍ଦେଶ୍ୟ

୧. ନିରନ୍ତର ବିକାଶର ଲକ୍ଷ୍ୟ ପୂରଣ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ସଠିକ ଭାବେ ସ୍ତନ୍ୟପାନ କରାଇବା ତଥା ଶିଶୁ ଓ ଛୋଟ ପିଲାମାନଙ୍କର ଖାଦ୍ୟ ଖୁଆଇବା ପ୍ରଣାଳୀରେ ସୁଧାର ଓ ସଠିକ ଅଭ୍ୟାସ କରିପାରିଲେ SDGs ଉଦ୍ଦେଶ୍ୟ କିପରି ପୂରଣ ହୋଇ ପାରିବ -i ସେ ବିଷୟରେ ଅବଗତ କରାଇବା ।

୨. ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଓ ସହଯୋଗ ଦିଗରେ କାମ କରୁଥିବା ଭିନ୍ନ ଭିନ୍ନ ସ୍ତରର କର୍ମୀମାନଙ୍କର ନିୟୋଜନ କରିବା ଏବଂ ଗୋଷ୍ଠୀବଦ୍ଧ ଭାବେ କାମ କରିବା ।

୩. ସ୍ତନ୍ୟପାନ ଓ ସଠିକ ପୂରକ ଆହାର ଖୁଆଇବା ହାର ବଢାଇବା ଦିଗରେ ବିଭିନ୍ନ ସ୍ତରରେ କରାଯାଉଥିବା କାର୍ଯ୍ୟକ୍ରମ ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇ ପାରିବ - ସେ ବାଟ ବାହାର କରିବାକୁ ପଡିବ ।

Celebrating 25 Years bpni 1991-2016

IBFAN defending breastfeeding

ପ୍ରଚ୍ଛଦପଟ

ସ୍ତନ୍ୟପାନ ୨୦୧୬ର ଲାନସେଟ୍ ସିରିଜରେ ସ୍ତନ୍ୟପାନ ଦ୍ୱାରା ସ୍ୱାସ୍ଥ୍ୟ ଏବଂ ଅର୍ଥିକ ସ୍ଥିତିରେ କିପରି ସୁଧାର ଆସିପାରେ -ସେ ବିଷୟରେ ନୂତନ ତଥ୍ୟ ପରିବେଷଣ କରାଯାଇଛି । ସ୍ତନ୍ୟପାନ କରାଇବା ଦ୍ୱାରା ଶିଶୁ , ମହିଳା ଏବଂ ସମାଜ ସମସ୍ତଙ୍କର ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ଥିତି ଏବଂ ପରିବେଶ ସୁରକ୍ଷା ଦିଗରେ ସ୍ୱଳ୍ପସ୍ଥାୟୀ ଓ ଦୀର୍ଘସ୍ଥାୟୀ ଭାବେ ଲାଭ ହିଁ ହୋଇଥାଏ ।୨୦୩୦ ସୁଦ୍ଧା ନୂତନ ନିର୍ଦ୍ଧାରିତ ଲକ୍ଷ୍ୟପୁରଣରେ ସ୍ତନ୍ୟପାନରେ ସୁରକ୍ଷା, ପ୍ରୋତ୍ସାହନ ଓ ସହଯୋଗ କେତେ ଉପାଦେୟ ଏହା ଲାନସେଟ୍ ସିରିଜରେ ଦର୍ଶାଯାଇଛି । ଅନେକ ନିରନ୍ତର ଲକ୍ଷ୍ୟ ପୂରଣରେ ସ୍ତନ୍ୟପାନର ପ୍ରାସଙ୍ଗିକତା ଅତି ସ୍ପଷ୍ଟ । ଯେପରିକି-

୧. ପ୍ରଥମ ଲକ୍ଷ୍ୟ : 'ଗରୀବି ହଟାଇବା' ସମ୍ପର୍କରେ ବିଚାର କଲେ ସ୍ତନ୍ୟପାନ ହେଉଛି ଶିଶୁମାନଙ୍କ ପାଇଁ ପ୍ରାକୃତିକ, ସହଜରେ ଉପଲବ୍ଧ, ଶସ୍ତା ଖାଦ୍ୟ ।

୨. ଦ୍ୱିତୀୟ ଲକ୍ଷ୍ୟ- 'କ୍ଷୁଧା ରହିତ' - ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଏବଂ ୨ବର୍ଷ ବା ତଦୁର୍ଦ୍ଧ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରୀ ରଖି ପାରିଲେ - ତହିଁରୁ ଯଥେଷ୍ଟ ମାତ୍ରାରେ ଶକ୍ତି ଓ ଅନ୍ୟାନ୍ୟ ଉପାଦାନ ଗୁଡ଼ିକ ମିଳି ପାରିବ।

୩. ତୃତୀୟ ଲକ୍ଷ୍ୟ :' ଉତ୍ତମସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନ ଯାପନ' ଶିଶୁ ଏବଂ ଛୋଟ ପିଲାମାନଙ୍କର ସ୍ୱାସ୍ଥ୍ୟ , ବିକାଶ ଏବଂ ସୁସ୍ଥଭାବେ ବଞ୍ଚିରହିବା ପାଇଁ ସ୍ତନ୍ୟ ପାନ ହିଁ ଯଥେଷ୍ଟ ମାତ୍ରାରେ ସାହାଯ୍ୟ କରିଥାଏ । ପୁନଶ୍ଚ ଏହା ମାଆର ସ୍ୱାସ୍ଥ୍ୟର ସୁରକ୍ଷା ଯୋଗାଇ ଥାଏ ।

୪. ଚତୁର୍ଥ ଲକ୍ଷ୍ୟ :'ଗୁଣାତ୍ମକ ଶିକ୍ଷା' ସ୍ତନ୍ୟପାନ ଏବଂ ଉପଯୁକ୍ତ ଅନୁପୂରକ ଖାଦ୍ୟ ଶିଶୁର ମାନସିକ ଏବଂ ବୌଦ୍ଧିକ ବିକାଶରେ ଯଥେଷ୍ଟ ମାତ୍ରାରେ ସାହାଯ୍ୟ କରିଥାଏ ।

୫.ଅଷ୍ଟମ ଲକ୍ଷ୍ୟ : ସୁରୁଚି ସମ୍ପନ୍ନ କାର୍ଯ୍ୟ ଏବଂ ଆର୍ଥିକ ପ୍ରଗତି କର୍ମଜୀବି ପ୍ରସୂତୀ ମାଆମାନଙ୍କୁ କାମ କରିବା ସହିତ ସେମାନଙ୍କ ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ତଥା ମାତୃତ୍ୱର ସୁରକ୍ଷା ପାଇଁ ଯଥେଷ୍ଟ ସାହାଯ୍ୟ ସହଯୋଗ କଲେ, ସେମାନେ ଉଭୟ ସ୍ତନ୍ୟପାନ କରାଇବା ସହିତ କର୍ମକ୍ଷେତ୍ରରେ କାର୍ଯ୍ୟ ମଧ୍ୟ କରିପାରିବେ ।

୬. ଦଶମ ଲକ୍ଷ୍ୟ : 'ବୈଷମ୍ୟତା ପ୍ରତିହତ କରିବା' ସ୍ତନ୍ୟପାନ ଉଭୟ ଧନୀ ଓ ଗରିବ ମଧ୍ୟରେ ବ୍ୟବଧାନ ରଖି ନ ଥାଏ ।

୭. ତ୍ରୟୋଦଶ ଲକ୍ଷ୍ୟ : ' ଜଳବାୟୁ ନିୟନ୍ତ୍ରଣ' ବିଶ୍ୱ ତାପାୟନ ଯୋଗୁଁ ଜଳବାୟୁ ପରିବର୍ତ୍ତନ ହୋଇ ହଠାତ୍ କୌଣସି ପ୍ରତିକୁଳ ପରିସ୍ଥିତି ସୃଷ୍ଟି ହେବା ସମୟରେ ସ୍ତନ୍ୟପାନ ହିଁ ଶିଶୁର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ପାଇଁ ସମ୍ପୂର୍ଣ୍ଣ ସୁରକ୍ଷା ଦେଇଥାଏ ।

ସ୍ତନ୍ୟପାନ ଓ ନିରନ୍ତର ବିକାଶ ଲକ୍ଷ୍ୟ

ବଞ୍ଚିରହିବା, ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନ ଯାପନ

ଲାନସେଟ ସିରିଜ ଅନୁଯାୟୀ ସ୍ତନ୍ୟପାନ ଦ୍ୱାରା ବର୍ଷକୁ ୮୨୦୦୦୦ ଜୀବନ ରକ୍ଷା କରାଯାଇ ପାରିବ । ଅର୍ଥାତ୍ ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁ ହାର ୧୩% କମାଇ ଦେଇଥାଏ ଏବଂ ଅଳ୍ପ ଏବଂ ମଧ୍ୟମ ଆୟକରୁଥିବା ଦେଶରେ ସ୍ତନ୍ୟପାନ ଦ୍ୱାରା ଏକ ତୃତୀୟାଂଶ ଶ୍ୱାସ ସଂକ୍ରମଣ , ଅର୍ଦ୍ଧାଧିକ ତରଳଝାଡ଼ା ଆକ୍ରାନ୍ତଙ୍କ ସଂଖ୍ୟା କମାଇ ଦିଆ ଯାଇପାରିବ । ଭାରତରେ ପ୍ରତ୍ୟେକ ବର୍ଷ ୧୫୬୦୦୦ ଶିଶୁ ମୃତ୍ୟୁ ହ୍ରାସ ହେବ ଏବଂ ବିଶେଷକରି ଛୋଟପିଲାଙ୍କ କ୍ଷେତ୍ରରେ ଅତି କମ୍‌ରେ ୩,୪୩୬,୫୬୦ ଶ୍ୱାସ ଜନିତ ସଂକ୍ରମଣ ଏବଂ ୩୯୦୦୦୦ ତରଳ ଝଡା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ହୋଇ ପାରେ ।

ଲାନସେଟ ଅନୁଯାୟୀ ଯେଉଁ ଶିଶୁ ଅଧିକ ଦିନ ପର୍ଯ୍ୟନ୍ତ ସ୍ତନ୍ୟପାନ କରିଥାଏ ସେ କମଦିନ ସ୍ତନ୍ୟପାନ କରିଥିବା ଶିଶୁଙ୍କ ଠାରୁ ଅଧିକ ବୁଦ୍ଧିମାନ ହୁଏ । ଏହି ଯେଉଁ ସମ୍ବେଦନଶୀଳ ପାର୍ଥକ୍ୟ ସମସ୍ତ ଆୟ ବର୍ଗ ଧନୀ ହେଉ ବା ଦରିଦ୍ର ସମସ୍ତଙ୍କ ପାଇଁ ହାରା ହାରି ୩ ପଏଣ୍ଟ କମ ହେବ । ଭାରତ ତାର ଜାତୀୟ ଆୟରେ ପ୍ରତେକ ବର୍ଷ ୦.୬୨୮୫ (US) ଡଲାର ଭାରତୀୟ ମୁଦ୍ରାରେ ଆନୁମାନିକ ୪୩୦୦ କୋଟି ଟଙ୍କା ଯୋଗ କରି ପାରିବ । ଏବେ ନଗଦ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସ୍ତନ୍ୟପାନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି , ଅଧିକ ସ୍ଥାୟୀ ରୋଜୋଗାର ତଥା ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ । (SDGs) ରେ ଶିକ୍ଷା, ଦାରିଦ୍ର୍ୟ ଦୂରୀକରଣ , ଏବଂ ବୈଷମ୍ୟ କମାଇବା ପାଇଁ ଯେଉଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ତାହା ପୂରଣ କରିବାରେ ଏହା ସହାୟକ ହେବ । ସ୍ୱାସ୍ଥଗତ ସୁରକ୍ଷା ମାଆକୁ ମଧ୍ୟ ମିଳି ଥାଏ । ସ୍ତନ୍ୟ କର୍କଟ ଏବଂ ଗର୍ଭାଶୟ କର୍କଟ କମାଇବା ସହିତ ମାଆ ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ରେ ସହାୟକ ହୋଇଥାଏ । ବର୍ତ୍ତମାନ ସୁଦ୍ଧା ହୋଇଥିବା ସମସ୍ତ ଗବେଷଣା ଏବଂ ଏହି ରିପୋର୍ଟ ପାଇଁ ହୋଇଥିବା ନୂଆ ଆକଳନ ଅନୁଯାୟୀ ପ୍ରତ୍ୟେକ

ବର୍ଷ ବିଶ୍ୱରେ ସ୍ତନ କର୍କଟ ଯୋଗୁଁ ହେଉଥିବା ମୃତ୍ୟୁ ରୁ ଅଧିକ ୨୦,୦୦୦ ମୃତ୍ୟୁ କେବଳ ସ୍ତନ୍ୟ ପାନ ବଢାଇବାଦ୍ୱାରା କମ କରାଜାଇପାରିବ । ଭାରତରେ ବର୍ଷକୁ ସ୍ତନ କର୍କଟ ଯୋଗୁଁ ହେଉଥିବା ୭,୦୦୦୦ ମୃତ୍ୟୁରୁ ୪୯୧୫ ମୃତ୍ୟୁ ରୋକାଯାଇ ପାରିବ ଯଦି କେବଳ ସ୍ତନ୍ୟପାନ ଯୋଗୁଁ ୭% ସୁରକ୍ଷା କଥା ବିଚାରକୁ ନିଆଯାଏ । ଏହା (SDGS) ରେ ଥିବା ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ଥଜୀବନ ଯାପନର ଧାର୍ଯ୍ୟ ଲକ୍ଷ୍ୟ ପୁରଣରେ ସହାୟକ ହୋଇ ପାରିବ ।

ପୁଷ୍ଟିସାଧନ , ଖାଦ୍ୟ ସୁରକ୍ଷା ଏବଂ ଦାରିଦ୍ର୍ୟ ଦୂରୀକରଣ

ସ୍ତନ୍ୟପାନ ଶିଶୁ ପାଇଁ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନରେ ଲାଭ ଦାୟକ ହୋଇଥାଏ । ମାଆକ୍ଷୀର ଏକ ସହଜ ଲଭ୍ୟ , ପୁଷ୍ଟିକର ଖାଦ୍ୟ ହୋଇଥିବାରୁ ଏହା ଦାରିଦ୍ର୍ୟ ଦୂରୀ କରଣ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ମାର୍ଗ ଅଟେ ।

ଲାନସେଟ୍ ସିରିଜ ଅନୁଯାୟୀ , ସ୍ତନ୍ୟପାନରେ ୩୫% ଟଇପ-୨ ଡାଇବେଟିସ କମାଇବାର କ୍ଷମତା ରହିଛି । ଏକ ଆକଳନରୁ ଜଣାଯାଇଛି ଯେ ଭାରତରେ ପ୍ରତ୍ୟେକ ବର୍ଷ ୯.୫ ନିୟୁତ ନୁଆ ଟାଇପ-୨ ଡାଇବେଟିସଙ୍କ ସଂଖ୍ୟା ଯୋଗ ହେଉଛି । ସ୍ତନ୍ୟପାନକୁ ସାର୍ବଜନୀନ କରିପାରିଲେ ସେଥିରୁ ୩.୩ ନିୟୁତ କୁ ରୋକା ଯାଇପାରନ୍ତା । ସ୍ତନ୍ୟପାନ ଦ୍ୱାରା ଅଧିକ ଓଜନ/ମେଦ ବହୁଳତା ୨୬ % କମ କରାଯାଇପାରିବ । ଏହାର ଅର୍ଥ ଭାରତରେ ୫ରୁ୧୭ ବର୍ଷ ବୟସ ରେ ହେଉଥିବା ୨୦% ମେଦ ବହୁଳତାରୁ ଏକ ଚତୁର୍ଥାଂଶ କମ୍ କରା ଯାଇ ପାରିବ ।

ଫର୍ମୁଲା କ୍ଷୀର ତିଆରି କରୁଥିବା କମ୍ପାନୀ ମାନଙ୍କର ବ୍ୟାପକ ବିକ୍ରିବ୍ୟବସ୍ଥା ହିଁ କେବଳ ସ୍ତନ୍ୟପାନ କରୁଥିବା ଶିଶୁ ମାନଙ୍କ ସଂଖ୍ୟା ବଢାଇବାରେ ଏକ ବଡ ବାଧକ ସାଜିଛି । ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶମାନେ ବାର୍ଷିକ ୭୦ ବିଲିୟନ ଡଲାରରୁ ଅଧିକ ଅର୍ଥ ହରାଉଛନ୍ତି । ଯେତେବେଳେ ଆର୍ଥିକ ସ୍ଥିତି ଉନ୍ନତ ଥିବା ଦେଶମାନେ ବର୍ଷକୁ ୨୩୦ ବିଲିୟନ ଡଲାରରୁ ଅଧିକ ଅର୍ଥ ହରାଉଛନ୍ତି କେବଳ ସ୍ତନ୍ୟପାନ କରାଇବା ହାର କମ୍ ହେବା ଯୋଗୁଁ । ତେଣୁ ସ୍ତନ୍ୟପାନ ହିଁ ଶିକ୍ଷା, ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧା ରହିତ SDGs ରେ ଥିବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣରେ ସହାୟକ ହୋଇପାରିବ ।

ପରିବେଶ ଓ ଜଳବାୟୁ ର ପରିବର୍ତ୍ତନ

ସ୍ତନ୍ୟପାନରେ ନଷ୍ଟ ଶୂନ ଏବଂ ଏହା ପରିବେଶ ସୁରକ୍ଷାରେ ସହାୟକ କାରଣ ଏଠି ଖାଦ୍ୟ ତିଆରି ଏବଂ ପରିବେଷଣ ରହୁଛି ଅଥଚ କୌଣସି ପ୍ରକାର ପ୍ରଦୂଷଣ, ଅଯଥା ପ୍ୟାକିଂ କରିବା କିମ୍ବା ନଷ୍ଟହେବାର ସମ୍ଭାବନା ନାହିଁ । ଫର୍ମୁଲା କ୍ଷୀର ତିଆରି କରିବାରେ ଶକ୍ତି ଦରକାର, ପ୍ୟାକିଂ ଦ୍ରବ୍ୟ ଦରକାର, ପରିବହନ ପାଇଁ ଇନ୍ଧନ ଦରକାର ଏବଂ ପ୍ରତ୍ୟେକ ଥର ଖୁଆଇବା ପାଇଁ କ୍ଷୀର ତିଆରି କରିବାକୁ ଅନ୍ୟାନ୍ୟ ଆନୁଷାଙ୍ଗିକ ଦ୍ରବ୍ୟ ଦରକାର । ଭାରତରେ ଯେତିକି ଡବା କ୍ଷୀର ବିକ୍ରି ହେଉଛି - ତଦ୍ୱାରା ୧୧୧୨୨୬ ଟନ ଗ୍ରିନ୍ ହାଉସ ଗ୍ୟାସ୍ ବାହାରୁଛି ଯାହା ଚାଇନାରେ ହେଉଛି ୨୨୪,୯୨୮୭ ଟନ ।

ପୁନଶ୍ଚ ପ୍ରତିକୂଳ ପରିବେଶରେ , ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟ ଅବସ୍ଥାରେ ସ୍ତନ୍ୟପାନ ହିଁ ଶିଶୁମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପ୍ରଥମ , ପ୍ରଧାନ ଏବଂ ନିରାପଦ ପଦକ୍ଷେପ । ତେଣୁ SDGs ର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ 'ଜଳବାୟୁର ପରିବର୍ତ୍ତନ' - ଏହା ପୂରଣ କରାଇବାରେ ସ୍ତନ୍ୟପାନ ହେଉଛି କୋଣରେ ଥିବା ଏକ ପାହାଚ ସଦୃଶ ।

ସ୍ତନ୍ୟପାନର ନୀତି , କାର୍ଯ୍ୟକ୍ରମ ଏବଂ ପ୍ରତିପାଳନରେ ଭାରତର ସ୍ଥାନ କେଉଁଠି ?

୧୭ ଟି ରାଜ୍ୟର NFHS - ୪ ତଥ୍ୟ ଅନୁଯାୟୀ ଭାରତରେ ସାମାନ୍ୟ ଭାବେ କାର୍ଯ୍ୟ କ୍ରମ ଚାଲିଛି, ମୁଖ୍ୟ ;-

ସ୍ତନ୍ୟପାନର ଆରମ୍ଭ ;- ୫୦.୫% ଯେତେବେଳେ

ଆନୁଷ୍ଠାନିକ ପ୍ରସବ ହାର - ୮୪.୩%

କେବଳ ସ୍ତନ୍ୟପାନ - ୫୭.୦%

ଅନୁପୂରକ ଆହାର - ୪୯.୬%

ସ୍ତନ୍ୟପାନରୁ ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସ୍ଥିତି ରେ ଯଥେଷ୍ଟ ଲାଭ ମିଳୁଥିଲେ ମଧ ଏବଂ WHO ର ଅନୁମୋଦନ ଥିବା ସତ୍ତ୍ୱେ କେବଳ ଅଧାରୁ କମ୍ ଶିଶୁଙ୍କର ୧ ଘଣ୍ଟା ମଧରେ ସ୍ତନ୍ୟପାନ କରାଯାଇପାରୁଛି , ଏବଂ କେବଳ ମାତ୍ର ଅଧା ଶିଶୁ ୬ ମାସ ପୁରିବା ପର୍ଯ୍ୟନ୍ତ ସ୍ତନ୍ୟପାନ କରୁଛନ୍ତି । ଏହି ହାର ଯାହା ଗତ ଦୁଇ ଦଶନ୍ଧି ଧରି ଅଟକି ଯାଇଥିଲା , ତାହା ଧିରେ ଧିରେ ବଢିବାକୁ ଆରମ୍ଭ କରିଛି ବୋଲି ଏକ ଜାତୀୟ ଅନୁଧ୍ୟାନରୁ ଜଣାଯାଇଛି । ଏହି ନିକଟରେ , ୨୦୧୫ ରେ ବିଶ୍ୱ ସ୍ତନ୍ୟପାନ ଗତିର ଆଦ୍ୟ ଅନୁଷ୍ଠାନ(WBTi) ର ନୀତି ଏବଂ କାର୍ଯ୍ୟକ୍ରମର ଏକ ବିଶ୍ଳେଷଣରୁ ଜଣା ଯାଇଛି ଯେ ଅଧିକାଂଶ କ୍ଷେତ୍ରରେ ଭାରତ ପଛରେ ରହିଯାଇଛି ।

ପ୍ରକୃତରେ ମହିଳାମାନେ ସ୍ତନ୍ୟପାନ କରାଇବାରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେଉଥାନ୍ତି । ହୁଏତ ସେମାନେ ସ୍ୱାସ୍ଥ୍ୟ କର୍ମୀଙ୍କଠାରୁ ଠିକ ବାର୍ତ୍ତା ପାଇପାରି ନଥାନ୍ତି । ଘରେ ପରିବାରରେ ସ୍ତନ୍ୟପାନ କରାଇବାପାଇଁ ଉପଯୁକ୍ତ ସହଯୋଗର ଅଭାବ ; ସ୍ତନ୍ୟପାନ ସମ୍ବନ୍ଧରେ ତାଲିମପ୍ରାପ୍ତ ପରାମର୍ଶ ଦାତାଙ୍କ ସହ ଯୋଗା ଯୋଗ କରିବାର ସୁଯୋଗ ପାଇନଥାନ୍ତି ; ମାଆ କ୍ଷୀରର ବିକଳ୍ପ ଡବା କ୍ଷୀର ବିକ୍ରେତାଙ୍କର ଉଗ୍ର ବ୍ୟବସାୟୀ କରଣର ସମ୍ମୁଖୀନ ହୋଇଥାନ୍ତି କିମ୍ବା ଶିଶୁ ଜନ୍ମ ପରେ ପରେ ମାଆ ମାନେ କାମରେ ଯୋଗ ଦେବାକୁ ବାଧ ହୋଇଥାନ୍ତି । ଏହି ସବୁ ବାଧକ ପରିସ୍ଥିତି ମାଆ ମାନଙ୍କ ପକ୍ଷରେ ୬ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖୁଆଇବା ଏବଂ ଦୁଇ ବର୍ଷ ବା ତଦୁର୍ଦ୍ଧ ମାଆକ୍ଷୀର ଖୁଆଇବା ଜାରୀରଖିବା ଅତ୍ୟନ୍ତ କଷ୍ଟକର ହୋଇଥାଏ ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଅନୁମୋଦିତ ହୋଇ ଅଛି । ମାଆ ମାନଙ୍କୁ ଯଥେଷ୍ଟ ସହଯୋଗ ଦରକାର ଯେପରି ସେମାନେ ସଠିକ ଭାବେ ଶିଶୁ ମାନଙ୍କୁ ସ୍ତନ୍ୟପାନ କରାଇପାରିବେ ଏବଂ ସ୍ତନ୍ୟପାନ ସହ ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ଆପଣ ସାହାଯ୍ୟ କରିପାରିବେ ।



ସ୍ତନ୍ୟପାନ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଗବେଷଣା ଲବ୍ଧ ତଥ୍ୟ / ପ୍ରକୃତ ଅବସ୍ଥା ଅଧ୍ୟୟନ

Infant feeding, poverty and human development. Beasley A and Amir AH. Int Breastfeeding J 2007, 2:14.

ଦାରିଦ୍ର୍ୟ ଏବଂ ମାନବ ବିକାଶ ମଧ୍ୟରେ ଥିବା ସମ୍ପର୍କ ଆନ୍ତର୍ଜାତୀକ ସ୍ତନ୍ୟପାନ ପତ୍ରିକାର ସମ୍ପାଦକୀୟ ନୀତି ଯାହାକି ସ୍ତନ୍ୟପାନର ପ୍ରୋତ୍ସାହନ ଦ୍ୱାରା ସମସ୍ତ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଅବସ୍ଥା ପାଇଁ ସହଯୋଗ ଓ ସୁରକ୍ଷା ପାଇଁ ଉଦ୍ଧିଷ୍ଟ - ତାର ମୁଖ୍ୟ ଉଦେଶ୍ୟକୁ ସ୍ପର୍ଶକରେ। ଏହା ପ୍ରସ୍ତାବ ଦିଏ ଯେ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ସହ ୧୨ ମାସ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରୀ ରଖିଲେ ୧,୩୦୧,୦୦୦ ମୃତ୍ୟୁ କୁ ରୋକା ଯାଇ ପାରିବ କିମ୍ୱା ଏକ ପରିକଳ୍ପିତ ବର୍ଷରେ ୧୩% ପାଞ୍ଚବର୍ଷରୁ କମ୍ ଶିଶୁଙ୍କର ମୃତ୍ୟୁ କମ୍ କରାଯାଇ ପାରିବ । ଯଦି ଓ ଜ୍ଞାନୀ ଲୋକ ମାନଙ୍କଠାରେ ପ୍ରଚଳିତ କଥା ଅଛି ଯେ ପ୍ରଗତିଶୀଳ ଦେଶ ମାନଙ୍କରେ ଦାରିଦ୍ର୍ୟ ହିଁ ସ୍ତନ୍ୟପାନକୁ ସୁରକ୍ଷା ଦେଇଥାଏ । ପ୍ରକୃତରେ ଦାରିଦ୍ର୍ୟ ସିଧା ସଳଖ ଭାବରେ ବା ପରୋକ୍ଷ୍ୟରେ ସ୍ତନ୍ୟପାନକୁ ନିରୁତ୍ସାହିତ କରାଇଥାଏ । ଶିଶୁ ଖାଦ୍ୟ ପ୍ରସ୍ତୁତ କାରୀ ମାନଙ୍କର ଉଗ୍ର ବ୍ୟବସାୟୀ କରଣ ଦୃଷ୍ଟିକୋଣରୁ ଏବଂ କର୍ମଜୀବୀ ମହିଳା ମାନଙ୍କର ସ୍ତନ୍ୟପାନ କରାଇବା ଅଧିକାରକୁ ସୁରକ୍ଷା ଦେବାର ଆବଶ୍ୟକତା ଦୃଷ୍ଟିରୁ ବିଚାର କଲେ ,ଆନ୍ତର୍ଜାତୀକ ସ୍ତରରେ ଶିଶୁ ଖାଦ୍ୟର ବିକଳ୍ପ ସଙ୍କେତାବଳି ଏବଂ ତତ୍ ପରବର୍ତ୍ତୀ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ତତ୍ସମ୍ପର୍କୀତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ତ୍ୱରୀତ୍ କାର୍ଯ୍ୟାନୁଷ୍ଠାନ ଦରକାର । ଯଦି ବିଶ୍ୱସ୍ତରରେ ଶିଶୁ ସ୍ୱାସ୍ଥ୍ୟ ଏବଂ ବିକାଶ କ୍ଷେତ୍ରରେ ଥିବା ବିଭେଦକୁ ଆଖି ଦୃଶିଆ ଭାବେ କମାଇବା ଦରକାର , ତେବେ ଲିଙ୍ଗଗତ ଅସମତା ସହିତ ବାଳିକାମାନଙ୍କର ଶିକ୍ଷା ଓ ପୁଷ୍ଟିସାଧନ କ୍ଷେତ୍ରରେ ଥିବା ଅଭାବକୁ ରୋକିବାକୁ ପଡିବ । ମହିଳା ମାନଙ୍କର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟର ବିକାଶ ହେଲେ ଫଳ ସ୍ୱରୂପ ସେମାନଙ୍କ ଶିଶୁ ମାନଙ୍କର ଦ୍ରୁତ ବିକାଶ ହୋଇ ପାରିବ ।

Breastfeeding and breast cancer risk in India A multicenter case-control study. Gajalaxmi V et al.Int J cancer 2009,

ଆର୍ଥିକ ଉନ୍ନତଶୀଳ ଦେଶମାନଙ୍କ ତୁଳନାରେ ଭାରତରେ ସ୍ତନ କର୍କଟ ଘଟଣା କମ୍ । କିନ୍ତୁ ଚଳନ୍ତି ଦଶକରେ ବିଶେଷକରି ସହରାଞ୍ଚଳ ମହିଳା ମାନଙ୍କ କ୍ଷେତ୍ରରେ ଏହା ବୃଦ୍ଧି ପାଇଛି । ଏଭଳି ହେବାର କାରଣ ଜଣା ନାହିଁ। ଯଦିଓ ପ୍ରଜନନ ଓ ଜୀବନ ଶୈଳୀ କାରଣ ସହ ଏହାର ସମ୍ପର୍କ ରହିଛି । ଏଠାରେ ସ୍ତନ୍ୟପାନ ଓ ସ୍ତନ କର୍କଟ ର ସଂକଟ ସମ୍ପର୍କରେ ଆମେ ଅନେକ ଗୁଡିଏ ଘଟଣା ଉପରେ ହୋଇଥିବା ଅନୁଧାନର ଫଳ ପ୍ରକାଶ କରୁଛୁ । ୨୦୦୨ ରୁ ୨୦୦୫ ମଧ୍ୟରେ ଦକ୍ଷିଣ ଭାରତରେ ୨ଟି ସ୍ଥାନରେ ଅନୁଧ୍ୟାନ କରାଯାଇଥିଲା । ଯେଉଁଥିରେ ୧୮୬୬ ଟି ଘଟଣା ଏବଂ ୧୮୭୩ ନିୟନ୍ତ୍ରଣକୁ ନିଆଯାଇଥିଲା । ମାସିକ ଋତୁସ୍ରାବ , ଗର୍ଭଧାରଣ , ସ୍ତନ୍ୟପାନ ଏବଂ ଶାରିରିକ ଶ୍ରମ ବିଷୟରେ ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେପୁଙ୍ଖାନୁପଙ୍ଖ ବିବରଣୀ ସଂଗ୍ରହ କରାଯାଇଥିଲା । ବୈଷମ୍ୟ ଗୁଡିକର ଅନୁପାତ **(Odds Ratios)** ଏବଂ ୯୫% ଭରସା ଯୋଗ୍ୟ ନିଃସର୍ତ୍ତ ଯୁକ୍ତିଯୁକ୍ତ ପଶ୍ଚାଦଭିମୁଖୀ ପ୍ରସ୍ତାବିତ ବ୍ୟକ୍ତିଙ୍କର ବିରତି ଗୁଡିକ **(Confidences Intervals)** ର ମୂଲ୍ୟାୟନ କରାଯାଇ ଥିଲା । ଅନୁଧ୍ୟାନ କରାଯାଇଥିବା ଲୋକମାନଙ୍କ ମଧ୍ୟରେ ବିଶେଷ ଭାବେ

ଅଧିକ ସମୟ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଉଥିବା ମାଆ ମାନେ ଥିଲେ । ଋତୁସ୍ରାବ ବନ୍ଦ ହେବା ପୂର୍ବର ସାଧାରଣ ମାଅ ମାନଙ୍କ ମଧ୍ୟରେ ସ୍ତନ କର୍କଟ ଆଶଙ୍କା ସ୍ତନ୍ୟପାନ କରାଉଥିବା ମାଆମାନଙ୍କ ଜୀବନକାଳ ମଧ୍ୟରେ ବିପରୀତଭାବେ ସମ୍ପର୍କୀତ । ସେପରି କୌଣସି ସୁରକ୍ଷିତ ଫଳ ଋତୁସ୍ରାବ ବନ୍ଦ ହୋଇ ଯାଇଥିବା ମହିଳା ମାନଙ୍କଠାରେ ଦେଖାଯାଏ ନାହିଁ, ଯେଉଁ ମାନଙ୍କଠାରେ ସମତୁଲ୍ୟ ସୁରକ୍ଷିତ ଫଳର ଆଭାସ ମିଳେ । ଅଧିକ ଦିନ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଥିବା ମହିଳା ମାନଙ୍କ ଠାରେ ଋତୁସ୍ରାବ ବନ୍ଦ ହେବା ପୁର୍ବରୁ ସ୍ତନ କର୍କଟର ଆଶଙ୍କା କମ ହୋଇ ଥାଏ । ଉପଯୁକ୍ତ ଶିକ୍ଷା ପ୍ରାପ୍ତ ମହିଳାମାନଙ୍କ ଦ୍ୱାରା ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ସ୍ୱାସ୍ଥ୍ୟ ଶିକ୍ଷା ଅଭିଯାନ କରାଗଲେ ସ୍ତନ କର୍କଟର ସମସ୍ୟା କମ୍ କରାଯାଇ ପାରନ୍ତା ।

Breastfeeding reduces breast cancer risk: A case-control study in North India. Babita et al. Int J Prev Med 2014, 5: 791-795.

ବିଶ୍ୱବ୍ୟାପି ମହିଳାମାନଙ୍କର ସ୍ତନ କର୍କଟ ହେବା ଘଟଣା ଅତି ସାଧାରଣ । ଭାରତରେ ଏବଂ ଅନ୍ୟାନ୍ୟ ଉନ୍ନତଶୀଳ ରାଷ୍ଟ୍ରରେ ମହିଳାମାନଙ୍କର ଜରାୟୁ କର୍କଟ ପରେ ସ୍ତନ କର୍କଟର ସ୍ଥିତି ୨ୟ । ସ୍ତନ୍ୟପାନ ଓ ସ୍ତନ କର୍କଟର ସମ୍ପର୍କ ବିଷୟରେ ଜାଣିବା ପାଇଁ ଯଦିଓ ସାରା ବିଶ୍ୱରେ ବିଭିନ୍ନ ଅଧ୍ୟୟନ କରାଯାଇଛି, ଭାରତରେ ଏହାର ସୁଫଳ ବିଷୟରେ କମ ଅଧ୍ୟୟନ କରାଯାଇଛି । ଏକ ଘଟଣା ନିୟନ୍ତ୍ରଣ ଅଧ୍ୟୟନ ଅଗଷ୍ଟ ୨୦୦୯ ରୁ ଜୁଲାଇ ୨୦୧୦ ପର୍ଯ୍ନ୍ତ ଭାରତର ପିଟି. ବିଡି ଶର୍ମା ପିଜିଆଇଏମଏସ, ରୋହତକ ହରିୟାନର ସାଧାରଣ ଶଲ୍ୟ ଚିକିତ୍ସା ଏବଂ କର୍କଟ ଶଲ୍ୟ ଚିକିତ୍ସା ୱାର୍ଡରେ କରାଯାଇଥିଲା । ସମୁଦାୟ ୧୨୮ଟି ନିଦାନ ବିଭାଗ ଦ୍ୱାରା ସ୍ୱୀକୃତ ସ୍ତନ କର୍କଟ ରୋଗୀଙ୍କୁ ଅଧ୍ୟୟନ ପାଇଁ ନିଆଯାଇଥିଲା । ସମ ସଂଖ୍ୟକ ନିୟନ୍ତ୍ରିତ ରୋଗୀଙ୍କୁ ସାଧାରଣ ସ୍ତରରୁ ବଛା ଯାଇଥିଲା । ନିୟନ୍ତ୍ରିତ ମାନଙ୍କୁ ୨ ବର୍ଷ ବୟସ ପର୍ଯନ୍ତ ତୁଳନା କରାଯାଇଥିଲା । ଏକ ପୂର୍ବ ପରୀକ୍ଷିତ ପ୍ରଶ୍ନାବଳୀ ସାହାଯ୍ୟରେ ରୋଗୀମାନଙ୍କଠାରୁ ଲିଖିତ ଅନୁମୋଦନ ପାଇବା _ùe i û ûZKûe Keû ûA[ô ûû_ ûg ûe e ûc b þ ûe ûZ[ýKû(chi-Square test and odds ration witha 95%) ଭରସାଯୋଗ୍ୟ ବିରତି ସାହାଯ୍ୟରେ ବିଶେଷ ଭାବେ ବିଶ୍ଳେଷଣ କରାଗଲା । ରେଗୀମାନଙ୍କର ବୟସ ସୀମା ୨୫-୭୮ ବର୍ଷ ଏବଂ ନିୟନ୍ତୀତ ରୋଗୀମାନଙ୍କର ବୟସ ସୀମା ୨୪-୭୯ ବର୍ଷ

ଥିଲା । ଜାତି, ବିବାହ ବୟସ, ପ୍ରଥମ ଗର୍ଭ ଧାରଣ ବେଳେ ବୟସ,

ଜୀବିତ ଶିଶୁ ଜନ୍ମ ସଂଖ୍ୟା ଏବଂ ଜୀବନ କାଳ ମଧ୍ୟରେ ସ୍ତନ୍ୟପାନ କରାଇବା ସମୟ ଇତ୍ୟାଦି ସହିତ ସ୍ତନ କର୍କଟର ଏକ ଆଖିଦୃଶିଆ ସମ୍ପର୍କ ରହିଛି । ସ୍ତନ କର୍କଟ କମାଇବାରେ ସ୍ତନ୍ୟପାନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସ୍ତନ୍ୟପାନର ପ୍ରୋତ୍ସାହନ ଏବଂ ସ୍ତନ କର୍କଟ ପରି ପ୍ରାଣ ଘାତକ ରୋଗ ବିଷୟରେ ସଚେତନ କରାଇବା ପାଇଁ ସମ୍ବାଦ ପ୍ରଦାନ,ଶିକ୍ଷା, ଏବଂ ଯୋଗାଯୋଗ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ହେଉଛି ବର୍ତ୍ତମାନ ସମୟର ଆହ୍ୱାନ ।

Theory and social practice of agency in combining breastfeeding and employment :A qualitative study A et al.health workers in New Delhi, India. Omer-Salim A et al. Women and Birth 2014, 27:298-306.

ମହିଳାମାନଙ୍କ ସଂସ୍ଥା କିମ୍ବା ଆନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ସ୍ତନ୍ୟପାନ ଓ କାର୍ଯ୍ୟ ଏକତ୍ର କରାଇବା ଦ୍ୱାରା ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ଶ୍ରମଲବ୍ଧ ଉତ୍ପାଦନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତରେ ପୂର୍ବରୁ ହୋଇଥିବା ଅଧ୍ୟୟନ ଦର୍ଶାଇଛି ଯେ, ମାଆମାନେ ସ୍ତନ୍ୟପାନ ଓ କର୍ମ ନିର୍ବାହ ସଠିକ ଭାବରେ ତୁଲାଇବା ପାଇଁ ଅନେକ ଗୁଡିଏ ସମ୍ମିଶ୍ରିତ ଉପାୟ ଆପଣେଇ ଥାନ୍ତି ।ସଂସ୍ଥାଗୁଡିକର ପ୍ରଦର୍ଶନକୁ ତନ୍ନତନ୍ନ କରି ଅନୁସନ୍ଧାନ କରିବା ପାଇଁ ବନ୍ଧୁରା ର ସଂସ୍ଥା ସୟନ୍ଧରେ ସିଦ୍ଧାନ୍ତ ଏବଂ ମହିଳାମାନଙ୍କ ଅନୁଭୂତିକୁ ପ୍ରୟୋଗ କରାଯାଇଥିଲା । ଭାରତର ନୂଆଦିଲ୍ଲୀର ୧୦ ଜଣ ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମମାନଙ୍କୁ ଉନ୍ନତମାନର ଅର୍ଦ୍ଧରଚିତ ପ୍ରଶ୍ନାବଳୀ ଦ୍ୱାରା ସାକ୍ଷାତକାର କରାଯାଇଥିଲା ।ଉଭୟ ଅବରୋହ ଓ ଆରୋହ ପଦ୍ଧତିରେ ବିଶ୍ଲେଷଣ କରାଯଇ ମାନ ନିର୍ଦ୍ଧାରଣ କରାଯାଇଥିଲା । ମହିଳାମାନଙ୍କ ସାକ୍ଷାତକାରରୁ ଉକ୍ତ ସଂସ୍ଥାକୁ ୪ଟି ପାଖାପାଖି ତଥ୍ୟ ଜଣାପଡିଲା । 'ସମସ୍ତେ ମୋର ଆବୃତ ସ୍ଥାନ ମଧ୍ୟରେ ଜଣାଶୁଣା ନାବିକ । ଆଶାତୀତ ଭାବେ କଷ୍ଟକର, କିନ୍ତୁ ମୋଟାମୋଟି ଭାବେ ଠିକ୍ ଠାକ୍ । ଏହି କାର୍ଯ୍ୟ ଭୀଷଣ ଭାବେ ଏକାନ୍ତ ଏବଂ ମୋର ଆୟତ ବାହାରେ' । ଏହି ପ୍ରତିଯୋଗିତାରେ ଥିବା ବ୍ୟତିଗତ ଓ ସମୂହ ସଂସ୍ଥା ସ୍ୱୀକାର କରିଛନ୍ତି ଯେ ଏକତ୍ର ସ୍ତନ୍ୟପାନ ଓ କର୍ମ କ୍ଷେତ୍ରରେ ସଫଳତା କେବଳ ପରିବାର ସଦସ୍ୟମାନଙ୍କ ସହଯୋଗ ଉପରେ ନିର୍ଭର କରେ । ସଂସ୍ଥାର ନିକଟତର ହେବା ନିର୍ଭର କରେ ସହଯୋଗପୂର୍ଣ୍ଣ ସ୍ୱାସ୍ଥ୍ୟସେବା, କର୍ମସ୍ଥଳୀରେ ଉପଲବ୍ଧ ସୁବିଧା ସୁଯୋଗ , ଏବଂ ବ୍ୟକ୍ତିଗତ ଆଲୋଚନାର ବିକାଶ ଉପରେ ।

Negotiating the tensions of having to attch and de-tach concurrently : A qualitative study on combining breastfeeding and employment in public education and health sectors in New Delhi, India. Omer-Salim A et al. Midwifery 2015, 31: 473-481.

ଏହି ଅଧ୍ୟାୟନର ଲକ୍ଷ୍ୟଥିଲା ଭାରତରେ ୬ ମାସ ପ୍ରସୂତୀ କାଳୀନ ଛୁଟି ଦେବା ଦ୍ୱାରା ଉଭୟ ସ୍ତନ୍ୟପାନ ଓ କର୍ମ ସଂସ୍ଥାନ ଉପରେ କି କି ପ୍ରଭାବ ପଡୁଛି - ସେ ବିଷୟରେ ଅବଗତ ହେବା । ଦିଲ୍ଲୀର ସ୍ୱାସ୍ଥ୍ୟ ଏବଂ ଶିକ୍ଷାବିଭାଗରେ କାମ କରୁଥିବା ୨୦ ଜଣ ପ୍ରଥମ ଥର ପାଇଁ ମାଆ ହୋଇଥିବା ମହିଳା ଯେଉଁ ମାନେ ୮-୧୨ ମାସର ଶିଶୁକୁ ଛାଡି ୬ ମାସ ପରେ କାମରେ ଯୋଗ ଦେଇଥିଲେ , ସେମାନଙ୍କ ଉପରେ ଅର୍ଦ୍ଧଗଠିତ ପ୍ରଶ୍ନାବଳୀ ଦ୍ୱାରା ଏକ ଅଧ୍ୟୟନ କରା ଯାଇଥିଲା । ଏହି ଅନୁଧ୍ୟାନରୁ ଜଣାପଡିଛି ଯେ କିପରି କର୍ମଜୀବୀ ମହିଳାମାନେ ସେମାନଙ୍କର ଶିଶୁ , କାର୍ଯ୍ୟ ଓ ପରିବାର ସହ ରହିବା ଓ ସେମାନଙ୍କଠାରୁ ଦୁରରେ ରହିବା କରନ୍ତି । ଘରେ କିପରି ଶିଶୁକୁ ନିର୍ଭର ଯୋଗ୍ୟ ଯତ୍ନ ମିଳିପାରିବ, ସମସ୍ତଙ୍କର ପୁଷ୍ଟିସାଧନ ହୋଇପାରିବ, କର୍ମ କ୍ଷେତ୍ରରେ ଉପୁଜୁଥିବା ଭିନ୍ନଭିନ୍ନ ଅବସ୍ଥାର ସମ୍ମୁଖୀନ ହେବା ଏବଂ ପରିବାରରେ ସେମାନଙ୍କର ଯୋଗ୍ୟ ଭୂମିକା କିପରି ତୁଲାଇ ପାରିବେ - ଏ ସବୁକୁ ସେମାନଙ୍କୁ ଆଗ୍ରହ ସହ ସମ୍ଭାଳିବାକୁ ହୁଏ । ଏହି ମହିଳାମାନଙ୍କୁ ଯଦିଓ ସହୃଦୟତା ସହ ୬ ମାସ ପ୍ରସୂତୀ କାଳୀନ ଛୁଟି ମିଳେ, ତଥାପି ଅନେକ ଗୁଡିଏ ବ୍ୟକ୍ତିଗତ, ପାରିବାରିକ ଏବଂ କର୍ମକ୍ଷେତ୍ରରେ ଥିବା ସମସ୍ୟା, ଉଭୟ ସ୍ତନ୍ୟପାନ ଓ କର୍ମକ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ

Report on Carbon FootPrint due to Milk Formula : A study from selected coutries of the Asia- Pacific region. JP Dadhich, Julie Smith, Alessandro Iellamo, Adlina Suleiman. BPNI/IBFAN Asia2015 .

ସ୍ତନ୍ୟପାନ କରାଇବା ଏପରି ଏକ ପ୍ରଥା ଯେଉଁଥିରୁ କୌଣସି ଅଙ୍ଗାରର ଦାଗ ସୃଷ୍ଟି ହୁଏ ନାହିଁ , ପରନ୍ତୁ ମହିଳା ମାନଙ୍କୁ ସୁସ୍ଥ ଓ ସୁନ୍ଦର କରେ । କାରଣ ସେମାନଙ୍କ ଶରୀରରେ ଜମା ହୋଇଥିବା ଚର୍ବି ବ୍ୟବହାର ହୋଇଯାଏ - କୌଣସି ଅଧିକ ଖାଦ୍ୟର ମଧ୍ୟ ପ୍ରୟୋଜନ ହୋଇନଥାଏ । ସ୍ତନ୍ୟପାନ କରାଇବା ଦ୍ୱାରା ପୃଥିବୀ ଉପରେ କୋଣସି ବର୍ଜ୍ୟବସ୍ତୁ ଛାଡେନାହିଁ - ଯହାକୁ ନଷ୍ଟ କରିବା ପାଇଁ ଚିନ୍ତା କରିବାକୁ ପଡିବ । ଅପରନ୍ତୁ ସ୍ତନ୍ୟପାନର ବିକଳ୍ପ ଖାଦ୍ୟ ବ୍ୟବହାର କଲେ ଡିବା ଖାଦ୍ୟ ପ୍ରସ୍ତୁତ କରିଥିବା ଫ୍ୟାକ୍ଟ୍ରୀରୁ ଖାଦ୍ୟ ପ୍ରସ୍ତୁତ କରିବା , ପରିବହନ କରିବା ଏବଂ କ୍ଷୀର ତିଆରି କରି ବ୍ୟବହାର କରିବା - ପ୍ରତ୍ୟେକ କ୍ଷେତ୍ରରେ ବାହାରୁଥିବା GHG ବିକିରଣ ହୋଇଥାଏ । ତା'ଛଡା ସେଥିରୁ ଯେଉଁ ବର୍ଜ୍ୟ ବସ୍ତୁ ବାହାରେ, ତାକୁ ନଷ୍ଟ କରିବା ସମୟରେ ବୟୁମଣ୍ଡଳରେ ପରିବର୍ତ୍ତନ ଆସେ । ଅନୁଧ୍ୟାନ ଏବଂ ତାର ବିଶ୍ଲେଷଣରୁ ଜଣା ପଡିଛି ଯେ ଏସିଆ ଏବଂ ପ୍ରଶାନ୍ତମାହାସାଗରୀୟ ଅଞ୍ଚଳରେ ଯେତିକି ଡବା କ୍ଷୀର ବିକ୍ରି ହୁଏ ତହିଁରୁ ନିର୍ଗତ GHG , ବିଶ୍ୱରେ ଚାଲୁରହିଥିବା ଜଳବାୟୁ ପରିବର୍ତ୍ତନ ଏବଂ ଅଙ୍ଗାର ଦାଗକୁ ନିୟନ୍ତ୍ରଣ କରିବା ପଇଁ ପଦକ୍ଷେପ ସହ ସମ୍ପର୍କ ରହିଛି । ଏହି ଅନୁଧ୍ୟାନ ଦର୍ଶାଇଛି ଯେ ଡବା କ୍ଷୀର ର ବ୍ୟବହାର ହିଁ GHG ର ନିର୍ଗମନର ଏକ ପ୍ରମୁଖ ଉତ୍ସ । ଏହାର କ୍ରମାଗତ ବିକ୍ରି ବଢିବା ସହିତ GHG ର ନିର୍ଗମନ ବଢି ଚାଲିଛି । ସବୁଠୁଁ ଚିନ୍ତାର, ବିଷୟ ହେଉଛି ଅନୁଧ୍ୟାନ ହୋଇଥିବା ଦେଶମାନଙ୍କରେ ବହୁଳ ବ୍ୟବହାର ବଢି ଚାଲିଛି ଏବଂ ଚାଲିଶିଖୁ ଥିବା ଶିଶୁ ମାନଙ୍କ ପାଇଁ ଫର୍ମୁଲା କ୍ଷୀର ର ଅନାବଶ୍ୟକ ଅନୁକରଣ ମଧ୍ୟ ବଢି ଚାଲିଛି ।

ଆପଣ କ'ଣ କରିପାରିବେ ?

ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଓ ସହଯୋଗ ଦ୍ୱାରା କିପରି ନିରନ୍ତର ବିକାଶର ଲକ୍ଷ୍ୟ ହାସଲ ହୋଇପାରିବ ଏଠାରେ ତାର କେତେକ ସୂଚନା ଦିଆଯାଇଛି ।

୧. ସ୍କୁଲ ଏବଂ କଲେଜରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ସ୍ତନ୍ୟପାନର ଭୂମିକା ବିଷୟରେ କର୍ମଶାଳା ଆୟୋଜନ କରନ୍ତୁ ।

୨. ବିଶ୍ୱ ସ୍ତନ୍ୟପାନ ବାର୍ତ୍ତାକୁ ଆଧାର କରି ସ୍ଥାନୀୟ ସ୍କୁଲ, କଲେଜରେ ପ୍ରଦର୍ଶନୀ, ପେଣ୍ଟିଂ, ବିତର୍କ ପ୍ରତିଯୋଗିତା, ସଂଗୀତ / ସ୍ଲୋଗାନ ଲେଖିବା, ଚିତ୍ରପ୍ରଦର୍ଶନୀ ଇତ୍ୟାଦିର ପ୍ରତିଯୋଗିତା ଆୟୋଜନ କରନ୍ତୁ ।

୩. ସ୍ଥାନୀୟ ଅଞ୍ଚଳର ମହିଳା, ଯୁବଗୋଷ୍ଠୀ, ପ୍ରଶିକ୍ଷିତ(IYCF Counseller) ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ଡବା ଖାଦ୍ୟ ଖୁଆଇବାରେ ଥିବା ବିପଦ ବିଷୟରେ ସଚେତନ କରାଇବା ପାଇଁ ମାଇକ୍ ରାଲି / ପଥପ୍ରାନ୍ତ ନାଟକ ଇତ୍ୟାଦିର ଆୟୋଜନ କରନ୍ତୁ ।

୪. ନିକଟସ୍ଥ ଡାକ୍ତର ଖାନା କିମ୍ୱା ଆଖପାଖ ଅଞ୍ଚଳରେ ଶୀଘ୍ର ସ୍ତନ୍ୟପାନ କରାଇବାର ସ୍ଥିତି ଅନୁଧ୍ୟାନ ତଥା ବିଶ୍ଳେଷଣ କରି ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ତଥା ବିଧାୟକଙ୍କୁ ଜଣାନ୍ତୁ ।

୫. ସାମାଜିକ ପ୍ରଚାର ବିଭାଗକୁ ବ୍ୟବହାର କରି ସ୍ତନ୍ୟପାନ ବଢାଇବା ଦିଗରେ ଜନସାଧାରଣଙ୍କୁ ଜଣାଇବା ଏବଂ ସଚେତନତା ସୃଷ୍ଟି କରାଇବା ପାଇଁ କେତେକ ବର୍ଗକୁ ନିୟୋଜିତ କରି ନିରନ୍ତର ବିକାଶର କେତେକ ଲକ୍ଷ୍ୟ ହାସଲରେ ; ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନ ଯାପନ, କ୍ଷୁଧା ନିବାରଣ, ଉତ୍ତମ ମାନର ଶିକ୍ଷା ଏବଂ ଜଳବାୟୁ ପରିବର୍ତ୍ତନରେ ସ୍ତନ୍ୟପାନର ଭୂମିକା ବିଷୟରେ ଅବଗତ କରାନ୍ତୁ ।

ବି.ପି.ଏନ.ଆଇ କ'ଣ ?

ବି.ପି.ଏନ. ଆଇ ହେଉଚି ଏକ ପଞ୍ଜିକୃତ, ଲାଭ କରୁନଥିବା ରାଷ୍ଟ୍ରୀୟ ସଂଗଠନ, ଯାହା ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଓ ସମର୍ଥନ କରିବା ସହ ଶିଶୁ ତଥା ଛୋଟ ପିଲାମାନଙ୍କର ଉପଯୁକ୍ତ ଅନୁପୁରକ ଖାଦ୍ୟ ଏବଂ ପୁଷ୍ଟିସାଧନ ଦିଗରେ କାମ କରେ । ବି.ପି.ଏନ.ଅଇ ସମାଜକୁ ପ୍ରସ୍ତୁତ କରିବାର ପକ୍ଷ ସମର୍ଥନ କରିବା ସହିତ ସୂଚନା ପ୍ରଦାନ, ଶିକ୍ଷାର ପ୍ରସାର, ରିସର୍ଚ୍ଚ, ଟ୍ରେନିଂ କରାଏ ଏବଂ IMS Act ର ଉଲଘଂନକାରୀ କମ୍ପାନୀମାନଙ୍କ ଉପରେ ସତର୍କ ନଜର ରଖିଥାଏ । ବି.ପି.ଏନ.ଅଇ ହେଉଛି, ଦକ୍ଷିଣ ଏସିଆ ପାଇଁ WABA ର ମୁଖ୍ୟ କେନ୍ଦ୍ର ଏବଂ IBFAN ଏସିଆ ପାଇଁ ଆଞ୍ଚଳିକ ଯୋଗାଯୋଗ କାର୍ଯ୍ୟାଳୟ ।

ବି.ପି.ଏନ.ଆଇ ର ନୀତି ଏବଂ କର୍ମ ପଦ୍ଧତି

ବି.ପି.ଏନ.ଆଇ ଏକ ସ୍ୱଚ୍ଛ ନୀତି ଏବଂ ଅର୍ଥ ଅନୁଦାନ ଗ୍ରହଣ ବ୍ୟବସ୍ଥା @ěeYKeþüG, ~ûj ûକୌଣସି ପ୍ରକାର ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଏ ନାହିଁ । ନୀତିଗତ ଭାବେ ଶିଶୁ କ୍ଷୀର ବିକଳ୍ପ, ଖାଇବା ବୋତଲ ଏବଂ ଶିଶୁ ଖାଦ୍ୟ ଉତ୍ପାଦନ କାରୀ କମ୍ପାନୀ ତଥା IMS Act ର ଉଲଙ୍ଘନ କରୁଥିବା କମ୍ପାନୀ ମାନଙ୍କଠାରୁ କୌଣସି ଅର୍ଥ ଗ୍ରହଣ କରେ ନାହିଁ ।

କୃତଜ୍ଞତା ଜ୍ଞାପନ - ଏହି ପତ୍ରୀକା BPNI, International Baby Food Action Network(IBFAN) - Asia Swedish International Devlopment Cooparation Agency(SIDA)ର ସହଯୋଗରେ ପ୍ରସ୍ତୁତ ହୋଇଛି । WABA ର WBFW-2016 ରୁ ତଥ୍ୟ ସଂଗ୍ରହ କରାଯାଇଛି।

ସଂକଳନ ସଂପାଦନା - ଡା. ଶୋଭା ସୁରି, ଭିଭାରିକା ଚାନ୍ଦୋଲା ଓ ନୁପୁର ବିଡଲା ।

ପରିକ୍ଷିତ -ଡା. ଅରୁନ ଗୁପ୍ତା ଏବଂ ଡା. ଦଧିଚି

ପ୍ରଚ୍ଛଦପଟ- ଅମିତ ଡାଲିୟା

ଭାଷାନ୍ତର- ଶରତ କୁମାରୀ ଆଚାର୍ଯ୍ୟ

LB-97, Stage-4, Laxmiagar, Bhubaneswar- 6
Mob.: +91 9437120874
E-mail Id: saratakacharya@gmail.com

References

1. Transforming our world : the 2030 Agenda for Sustainable Development. WHA resolution 70/1. 2015?
2. Breastfeeding in the 21st century: epidemiology, mechanisms, and lifelong effect.http://www.thelancet.com/series/breastfeeding,Vol 387 January 30, 2016, 475-490
3. Why invest, and what it will take to improve breastfeeding practices?http://www.thelancet.com/series/breastfeeding,Vol 387 January 30, 2016, 491-504
4. Victora CG, Horta BL, de Mola CL et al. Association between breastfeeding and intelligence, educational attainment, and income at 30 years of age: a prospective birth cohort study fromBrazil. Lancet 2015, 3: e199-e205.
5. Breast Cancer India. Statistics of breast cancer in India – global comparison. Available at: http://www.breastcancerindia.net/statistics/stat_global.html Accessed on 16th February, 2016
6. Diapedia. The burden of diabetes in India. Available at: http://www.diapedia.org/ introduction-to-diabetes-mellitus/1105045828/the-burden-of-diabetes-in-india#fn:3
Accessed on 15 February, 2016
7. OECD (2014). Obesity Update. Available at: http://www.oecd.org/health/Obesity-Update-2014.pdf Accessed on 15 February, 2016
8. Report on Carbon Footprints Due to Milk Formula: A study from selected countries of the Asia- Pacific region. BPNI/IBFAN Asia 2015.http://www.bpni.org/report/Carbon-Footprints-Due-to-Milk-Formula.pdf
9. NFHS 4 2015-16. National Family Health Survey, Ministry of Health & Family Welfare, Government of India. http://rchiips.org/nfhs/factsheet_nfhs-4.shtml
10. WBTi 2015-Arrested Development. 4th Assessment of India's Policy and programmes
on infant and young child feeding. http://www.bpni.org/report/WBTi-India-Report-2015.pdf
11. WHO/UNICEF 2003. Global Strategy for Infant and young child feeding.Http://apps.who.int/iris/bitstream/10665/42590/1/9241562218.pdf?ua=1

Breastfeeding Promotion Network of India (BPNI)
Asia Regional Coordinating Office for IBFAN
South Asia Regional Focal Point for WABA
Address: BP-33, Pitampura, Delhi 110 034. *Tel:* +91-11-27343608, 42683059.
Tel/Fax: +91-11-27343606. *Email:* bpni@bpni.org. *Website:* www.bpni.org